# ଅପହଞ୍ଚ ଇଲାକାର ସକ୍ଷମ ଦମ୍ପତି
# ଫୁଲମତୀ ଓ ତ୍ରିନାଥ

ରାଜ୍ୟର ଜନଜାତି ଅଞ୍ଚଳରେ ଲୋକେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ବେଳେ **ନବରଙ୍ଗପୁର** ଜିଲ୍ଲାର ଗୋଟିଏ ଜନଜାତି ଦମ୍ପତି ଅନ୍ୟମାନଙ୍କୁ ବଞ୍ଚିବାର ନୂଆ ରାହା ଦେଖାଇଛନ୍ତି । କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ମାଝିଗୁଡ଼ା ଗାଁ'ର ଫୁଲମତୀ ଭଟ୍ଟ ଏବଂ ତାଙ୍କ ସ୍ୱାମୀ ତ୍ରିନାଥ ଭଟ୍ଟ ଛେଳି ପାଳନ କରି ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତ । ଏହି ଦମ୍ପତି ଭୂମିହୀନ ହୋଇଥିବା ବେଳେ ତାଙ୍କର ଏଭଳି କାର୍ଯ୍ୟ ସ୍ଥାନୀୟ ଲୋକଙ୍କୁ ରୋଜଗାରର ପନ୍ଥା ଦେଖାଇଛି । ଏଥିପାଇଁ ମହିଳା କିଶାନ ସଶକ୍ତିକରଣ ଯୋଜନା ଏବଂ ହର୍ଷ ସଂସ୍ଥା ଫୁଲମତୀଙ୍କୁ ପ୍ରୋତ୍ସାହିତ କରିଛନ୍ତି ।

ସେହିଭଳି ଦେଖିବାକୁ ଗଲେ ଗାଁର ଅନ୍ୟ ମହିଳା ମାନଙ୍କୁ ଭୈରବୀ ଉତ୍ପାଦନକାରୀ ଗୋଷ୍ଠୀ ଏବଂ ଏମ୍‌କେଏସ୍‌ପି ଛେଳି ପାଳନ ଲାଗି ପୂର୍ଣ୍ଣ ସାହାଯ୍ୟ କରୁଛି । ଫୁଲମତୀ ୨୦୧୫ ମସିହାରେ ଭୈରବୀ ଗ୍ରୁପରେ ଯୋଗଦେଇ ଛେଳି ପାଳନ ଲାଗି ପ୍ରଶିକ୍ଷଣ ନେଇ ଏବେ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ମହିଳା କିଶାନ ସଶକ୍ତିକରଣ ଯୋଜନା ପୂର୍ବରୁ ଫୁଲମତୀ ଘର ଘର ବୁଲି ଚୁଡ଼ି ବିକ୍ରି କରୁଥିଲେ । ଏହା ଥିଲା ଫୁଲମତୀଙ୍କ ରୋଜଗାର କରିବାର ମୁଖ୍ୟ ପନ୍ଥା । ହେଲେ ତାଙ୍କ ସ୍ୱମୀ ତ୍ରିନାଥ ସବୁବେଳେ ଘରେ ବସି ରହୁଥିଲେ । ତେବେ ମହିଳା କିଶାନ ସଶକ୍ତିକରଣ ଯୋଜନାରେ ପ୍ରଥମେ ୩ଟି ଛେଳି ପାଳନ ଆରମ୍ଭ କରିଥିଲେ । ଏହା ହେବା ଫଳରେ ତ୍ରିନାଥ ଆଉ ଘରେ ନ ବସି ପାଖ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଉଛନ୍ତି ।

ହର୍ଷ ଟ୍ରଷ୍ଟ ଏଥିପାଇଁ ଯୋଗ୍ୟତା ପର୍ଯ୍ୟାୟରେ ଛେଳି ପାଳନ ପାଇଁ ପ୍ରଥମେ ୧୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଛେଳି କିଣିବା ପୂର୍ବରୁ ଗରିବ ଚାଷୀ ପରିବାର ଗୁଡ଼ିକୁ ଟ୍ରଷ୍ଟ ପକ୍ଷରୁ ଛେଳି ପାଳନ ଏବଂ ପରିଚାଳନା ସଂପର୍କରେ ପ୍ରଶିକ୍ଷିତ କରା ଯାଉଥିଲା । ଏଥିପାଇଁ ହର୍ଷ ଟ୍ରଷ୍ଟ, ଜାତୀୟ ଗ୍ରାମୀଣ ଜୀବିକା ମିସନ ଏବଂ ସାର ଦୋରାବଜୀ ଟାଟା ଟ୍ରଷ୍ଟ(ଏସଡ଼ିଟିଟି) ପୂର୍ଣ୍ଣ ମାତ୍ରାରେ ଏମ୍‌କେଏସ୍‌ପି ସହଯୋଗ କରିଥିଲେ । ଛେଳିଙ୍କ ଟିକାକରଣ ସଂପୂର୍ଣ୍ଣ ଦାୟିତ୍ୱ ପ୍ରାଣୀ ସଂପଦ ବିଭାଗ ନେଇଥାଏ । ସେହିଭଳି ବୀମା ଯୋଜନା କୋଷଗୁମୁଡ଼ା ବ୍ଲକ୍ ପ୍ରାଣୀ ସଂପଦ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।

ଫୁଲମତୀଙ୍କ ପରିବାରର ଜୀବନଶୈଳୀରେ ଏବେ ଉନ୍ନତି ହୋଇଛି । ପ୍ରଥମେ ଫୁଲମତୀ ୩ଟିରୁ ଛେଳି ପାଳନ ଆରମ୍ଭ କରିଥିଲେ । ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇ ୮ରେ ପହଞ୍ଚିଛି । ଏଥିରେ ୬ଟି ମାଈ ଛେଳି ଥିବା ବେଳେ ୨ଟି ଅଣ୍ଡିରା ଅଛନ୍ତି । ଅପରପକ୍ଷରେ ଫୁଲମତୀ ମାଝିଗୁଡା ଗାଁରେ ସବୁଠାରୁ ଅଧିକ ଛେଳି ରଖିବାର ମାନ୍ୟତା ପାଇଛନ୍ତି । ଛେଳି ପାଳନ ସଂପର୍କରେ ଫୁଲମତୀ କହନ୍ତି "ଏହା ଏକ ଲାଭଦାୟକ କାମ । ଆଗାମୀ ଦିନରେ ୨ଟି ଛେଳି ୬ରୁ ୮ ମାସ ହୋଇଗଲେ ବିକ୍ରି କରି ୧୨ ହଜାର ଟଙ୍କା ପାଇବି" । ତାଙ୍କର ଏହି ନିଷ୍ଠାପର ଉଦ୍ୟମ ଅନ୍ୟ କେତେକ ଜନଜାତି ପରିବାରଙ୍କୁ ଉତ୍ସାହିତ କରିଛି ।



ଫୁଲମତୀ ଓ ତ୍ରିନାଥ ପାଳୁଥିବା ଛେଳିର ଯତ୍ନ ନେଉଛନ୍ତି

## ସୋମବାରୀଙ୍କ ଜଳଖିଆ ଦୋକାନ



**ଦେବଗଡ ଜିଲ୍ଲା ଅନ୍ତର୍ଗତ ବାରକୋଟ ବ୍ଲକ୍ ବଡ କୁଦର ଛକ ନିକଟରେ ସୋମବାରୀ ମହାକୁଡ ଜଳଖିଆ ଦୋକାନ କରିଛନ୍ତି । ସ୍ୱାମୀଙ୍କ ଦେହାନ୍ତ ପରେ ଅସହାୟା ହୋଇପଡିଥିବା ସୋମବାରୀଙ୍କ ଆଗକୁ ପଛକୁ କେହି ନଥିଲେ । ପେଟକୁ ଦାନା ଓ ଛୋଟ ପିଲାଙ୍କୁ ମଣିଷ କରିବା ଦାୟିତ୍ୱ କେମିତି ତୁଲାଇବେ ତାଙ୍କୁ ବାଟଘାଟ ଦିଶୁନଥିଲା । ଓଡିଶା ଜୀବିକା ମିଶନ ଓ ନିଜ ଗାଁର ଶିବ ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲା । ନିଜର ନିଷ୍ଠା ଓ ଆନ୍ତରିକତା ବଳରେ ଜଳଖିଆ ଦୋକାନ କରି ସେ ଏବେ ଜଣେ ସମର୍ଥ ମହିଳା ।**

ସୋମବାରୀଙ୍କ ଦୋକାନରୁ ଯିଏ ଜଳଖିଆ ଖାଏ ତାଙ୍କ ପାଟିରୁ ଆପେ ଆପେ ବାହାରି ଆସେ ଆଃ କି ସ୍ୱାଦ । ଏହି ରାସ୍ତା ଦେଇ ଯାଉଥିବା ଲୋକେ ତାଙ୍କ ଦୋକାନରୁ ଜଳଖିଆ ଖାଇବାକୁ ବହୁତ ପସନ୍ଦ କରନ୍ତି । ଓଡିଶା ଜୀବିକା ମିଶନ ସହଯୋଗରେ ସୋମବାରୀ ମାଉସୀଙ୍କ ଜଳଖିଆ ଦୋକାନ ପ୍ରତିଷ୍ଠା ଅର୍ଜନ କରିପାରିଛି ।

ଛୋଟ ଚାଳିଆ ତଳେ ଗଢି ଉଠିଥିବା ଜଳଖିଆ ଦୋକାନର କାନ୍ଥ ନାହିଁ । ସତ କହିବାକୁ ଗଲେ ଉଠା ଦୋକାନଟିଏ । ସଫା ସୁତରା ଦେଖି ସେଠାରେ ପଥଚାରୀଟିଏ ଘଡିଏ ଅଟକିଯାଏ । ସୋମବାରୀ ମାଉସୀ ଦୋକାନରେ ବରା, ପିଆଜି, ସିଙ୍ଗଡା ଏବଂ ଘୁଘୁନି ଭାରି ସୁଆଦିଆ । ସକାଳୁ ସନ୍ଧ୍ୟା ଯାଏଁ ସେ ଗ୍ରାହକଙ୍କ ମନ ନେଇ ଜଳଖିଆ ପରଷି ଚାଲିଥାନ୍ତି ।

ଓଡ଼ିଶା ଜୀବିକା ମିଶନ ସହାୟିକାଙ୍କ ପରାମର୍ଶ କ୍ରମେ ସେ ଶିବ ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହେଲେ । ଏହି ଗୋଷ୍ଠୀକୁ ବ୍ୟାଙ୍କ୍ ଦେଇଥିବା ସହାୟତାରୁ ୧୦ ହଜାର ଟଙ୍କାର ଋଣ ଆଣି ଦୋକାନ ଆରମ୍ଭ କଲେ ସେ । ଏଥିସହ ସୋମବାରୀ ମାସକୁ ୪୦ ଟଙ୍କା ଗୋଷ୍ଠୀ ପାଣ୍ଠିରେ ସଞ୍ଚୟ କରୁଛନ୍ତି । ସେ ଦୈନିକ ୮ଶହ ରୁ ୯ଶହ ଟଙ୍କା ବେପାର କରନ୍ତି । ଦୋକାନ ସଉଦା ଖର୍ଚ୍ଚ ଯାଇ ୨ଶହ ରୁ ୩ଶହ ଟଙ୍କା ଲାଭ ପାଇଥାନ୍ତି । ସେହି ଟଙ୍କାରେ ସେ ଘର ଚଳେଇବା ସହ ଋଣ ପରିଶୋଧ ମଧ୍ୟ କରୁଛନ୍ତି । ଏହି ଜଳଖିଆ ଦୋକାନ ଉପାର୍ଜନରୁ ସେ ପରିବାର ପ୍ରତିପୋଷଣ ସହ ନିଜ ପିଲାମାନଙ୍କ ଭବିଷ୍ୟତ ମଧ୍ୟ ଗଢୁଛନ୍ତି । ଅନ୍ୟପକ୍ଷରେ ବ୍ୟାଙ୍କ୍ ମିତ୍ର, ଗୋଷ୍ଠୀ ଏବଂ ବ୍ଲକ୍‌ସ୍ତରରେ ଥିବା ଓଡ଼ିଶା ଜୀବିକା ମିଶନ ଅଧିକାରୀମାନେ ଭଲମନ୍ଦରେ ତାଙ୍କୁ ସହାୟତା ଯୋଗାଇ ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାନ୍ତି ସୋମବାରୀ ।